# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**1 September – 2025**

## ଇ-ସରକାରୀ ସେବା

ଡିଜି ଲକର ଏବଂ ଇ-ଡିଷ୍ଟ୍ରିକ୍ଟ ପ୍ଲାଟଫର୍ମରେ ସର୍ବଭାରତୀୟ ସ୍ତରରେ ପ୍ରାୟ ୨ହଜାରଟି ଇ-ସରକାରୀ ସେବା ପ୍ରଦାନ କରାଯାଉଛି । ଡିଜିଟାଲ ଇଣ୍ଡିଆର ଏହା ଏକ ବଡ ସଫଳତା ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି । ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନାଗରିକ ଏବେ ଇ-ସରକାରୀ ସେବା ଗୁଡ଼ିକର ସୁଫଳ ପାଇପାରୁଛନ୍ତି । ବିଭିନ୍ନ ପ୍ରମାଣପତ୍ରଠାରୁ ଆରମ୍ଭ କରି କଲ୍ୟାଣକାରୀ ଯୋଜନା, ବିଦ୍ୟୁତ୍ ଓ ପାଣି ବିଲ୍ ଦେୟ ପ୍ରଦାନ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଏଥିରେ ଅନ୍ତର୍ଭୁକ୍ତ । ଏହି ଦୁଇଟି ପ୍ଲାଟଫର୍ମରେ ଓଡ଼ିଶାରେ ୩୭ଟି ଇ-ସରକାରୀ ସେବା ଉପଲବ୍ଧ ହେଉଛି ।

## ଆଦିବାଣୀ ଆପ୍

କୃତ୍ରିମ ବୁଦ୍ଧିମତା ଆଧାରିତ 'ଆଦିବାଣୀ ଆପ୍' ଆଜିଠାରୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯିବ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଦିବାସୀ ଭାଷାର ଅନୁବାଦକ ଭାବେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି । ଆଦି କର୍ମଯୋଗୀ ଅଭିଯାନର ଏକ ଅଂଶବିଶେଷ ଭାବେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଏସ୍ଆଇଟି ବୈଠକ

କଳାଧନ ଓ ଦୁର୍ନୀତି ରୋକିବା ନେଇ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ୍.ଆଇ.ଟି.ର ବୈଠକ ଗତକାଲି କଟକଠାରେ ଅନୁଷ୍ଠିତ ହୋଇଯାଇଛି । ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁର୍ନୀତିର ବିଭିନ୍ନ ଦିଗ ଏବଂ ଏହାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ବିସ୍ତୃତ ଆଲୋଚନା ହୋଇଛି । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ବୈଠକରେ ସେମାନଙ୍କର କାର୍ଯ୍ୟାନୁଷ୍ଠାନ ଏବଂ ପରବର୍ତ୍ତୀ କର୍ଯ୍ୟପନ୍ଥା ନେଇ ସୂଚନା ପ୍ରଦାନ କରିଛନ୍ତି ।

## ସାର ମହଜୁଦ

ରାଜ୍ୟରେ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି । ସାରର କୃତ୍ରିମ ଅଭାବ ତଥା କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟକୁ ବିଶ୍ୱାସ ନ କରିବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ବର୍ଗର ୮ଲକ୍ଷ ୪୬ହଜାର ଟନ୍ ସାର ଇତିମଧ୍ୟରେ ଚାଷୀଙ୍କୁ ବିକ୍ରୟ କରାଯାଇଛି । କଳାବଜାର ଏବଂ ନକଲି ସାର ବିକ୍ରିକୁ ପ୍ରତିହତ କରିବା ଲକ୍ଷ୍ୟନେଇ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଛି । ୬୨ଟି ଡିଲରଙ୍କର ଲାଇସେନ୍ସକୁ ବାତିଲ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ହ୍ରାସ

୧୯ କିଲୋଗ୍ରାମ ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୫୧ଟଙ୍କା ୫୦ ପଇସା ହ୍ରାସ ପାଇଛି । ତୈଳ ବିତରଣ କମ୍ପାନୀଗୁଡ଼ିକ ପକ୍ଷରୁ ଏହି ମୂଲ୍ୟ ହ୍ରାସ ଆଜିଠାରୁ ଲାଗୁ କରାଯାଇଛି । ତୈଳ କମ୍ପାନୀଗୁଡ଼ିକର ଗତମାସରେ ଅନୁଷ୍ଠିତ ସମୀକ୍ଷା ବୈଠକ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି ।

### ଜନ ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କର ଜନଅଭିଯୋଗ ଶୁଣାଣୀ ଆଜି ବନ୍ଦ ରହିଛି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଜାତୀୟ କ୍ରୀଡ଼ା ଦିବସ

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଗତ ୩ ଦିନ ଧରି ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଖେଳ ପ୍ରାଧିକରଣ ଏବଂ ଓଡ଼ିଶା ସାଇକେଲିଂ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଗତକାଲି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୁସ୍ଥ ଜୀବନଶୈଳୀ ଏବଂ ଏକତାର ମନ୍ତ୍ରକୁ ପ୍ରୋତ୍ସାହନ ପ୍ରଦାନ କରୁଥିବା ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଶୁଭାରମ୍ଭ କରିଥିଲେ । ଜାତୀୟ କ୍ରୀଡ଼ା ଦିବସ ସମସ୍ତଙ୍କୁ ସୁସ୍ଥ ଓ

ନିରାମୟ ଜୀବନଚର୍ଯ୍ୟା ଆପଣେଇବାର ବାର୍ତ୍ତା ଦେଇଥାଏ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ।

## କ୍ରୀଡ଼ା ଦିବସ-ପୁରସ୍କାର ବିତରଣ

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଭଦ୍ରକ ସଂସ୍କୃତି ଭବନଠାରେ ଗତ ସଂଧ୍ୟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଛନ୍ତି ।

## ଗଣେଶ ଭସାଣ

କଟକ ସହର ଏବଂ ଆଖପାଖ ଅଞ୍ଚଳରେ ଗତକାଲି ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ଣ ୪ଟାରୁ ମେଢ଼ଗୁଡ଼ିକ ସାହି ପରିକ୍ରମା କରିବା ପରେ ବିଭିନ୍ନ ସ୍ଥାନରେ ନିର୍ମିତ କୃତ୍ରିମ ଜଳାଶୟରେ ବିସର୍ଜନ କରାଯାଇଛି । ଆସନ୍ତା ୭ ତାରିଖରେ ଦ୍ୱିତୀୟ ଏବଂ ୧୪ ତାରିଖରେ ତୃତୀୟପର୍ଯ୍ୟାୟ ଭସାଣ ଅନୁଷ୍ଠିତ ହେବ ।

## ଜାତୀୟ ପୁଷ୍ଟିକର ସପ୍ତାହ

ଜାତୀୟ ପୁଷ୍ଟିକର ସପ୍ତାହ ଆଜିଠାରୁ ଆରମ୍ଭ ହେଉଛି । ସୁସ୍ଥ ଜୀବନଶୈଳୀ ପାଇଁ ଉତ୍ତମ ଖାଦ୍ୟ ଅଭ୍ୟାସ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଆସନ୍ତା ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ରଖାଯାଇଛି ।

ଚଳିତବର୍ଷର ବିଷୟବସ୍ତୁ ରହିଛି 'ଉତ୍ତମ ଜୀବନ ପାଇଁ ଉପଯୁକ୍ତ ଖାଦ୍ୟ' । ଉତ୍ତମ ସ୍ୱାସ୍ଥ୍ୟ ଏବଂ ନିରାମୟ ଜୀବନ ପାଇଁ ସନ୍ତୁଳିତ ଖାଦ୍ୟକୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୬ରୁ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ଓହରି ଯାଇଛି । ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି ଏହା ବଦଳରେ ଅନ୍ୟ ଦଳ ସାମିଲ କରାଯିବା ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ । ସେ କହିଛନ୍ତି ପୁରୁଷ ବର୍ଗରେ ମଧ୍ୟ ଟିମ୍ ଗୋନାସିକା ଓହରି ଯାଇଛି । ୨୦୨୫ ମହିଳା ବର୍ଗର ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଟାଇଟଲ ହାସଲ କରିଥିଲା ।

## ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ଗତକାଲି ସୃଷ୍ଟି ହୋଇଛି । ଆସନ୍ତାକାଲି ସୁଦ୍ଧା ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି । ମତ୍ସ୍ୟଜୀବୀଙ୍କୁ ଆସନ୍ତାକାଲିଠାରୁ ୪ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।